# Chapter- 07

# ଛୋଟରୁ ବଡ

**STUDY NOTES**

## MIND MAP



**କ୍ଷୁଦ୍ରଠାରେ ବିରାଟର ସମ୍ଭାବନା ନିହିତ ଥାଏ ବୋଲି କିପରି ଜାଣିବ ?**

ଉ– 'ଛୋଟରୁ ବଡ଼' କବିତାରେ କବି ଡକ୍ଟର ଜାନକୀବଲ୍ଲଭ ମହାନ୍ତି ପ୍ରତ୍ୟେକ କ୍ଷୁଦ୍ରଠାରେ କିପରି ବିରାଟତ୍ୱର ସମ୍ଭାବନା ନିହିତ ଥାଏ ବୋଲି ବର୍ଣ୍ଣନ କରିଛନ୍ତି । ଏଥିପାଇଁ ସେ ଆମ ସମ୍ମୁଖରେ ସାତଗୋଟି ଉଦାହରଣ ଉପସ୍ଥାପନ କରିଛନ୍ତି ।

କାନନ ବା ଉଦ୍ୟାନରେ, ଫୁଲଟିର କଢ଼ ଅବସ୍ଥାରେ ଥିଲାବେଳେ ଆକାରରେ ଖୁବ୍ କ୍ଷୁଦ୍ର ଥାଏ । ମାତ୍ର ବିକଶିତ ହେଲାପରେ ତା'ର ସୁଗନ୍ଧରେ ପରିପାର୍ଶ୍ୱ ମହକିଉଠେ । ଛୋଟ କୂଅଟିରେ ଥିବା ଜଳରାଶି ବର୍ଷ ବର୍ଷ ଧରି ଆମକୁ ଜଳ ଯୋଗାଇ ଆମର ବହୁ ଉପକାର ସାଧନ କରେ । ବିଶୁଦ୍ଧ ଓ ସୁଶୀତଳ ଜଳ ଦାନକରି ଏହା ଆମକୁ ସନ୍ତୋଷ ପ୍ରଦାନ କରେ । କ୍ଷୁଦ୍ର ଏକ ପ୍ରଦୀପ ଯେତେବେଳେ ପ୍ରଜ୍ୱଳିତ ହୁଏ ତା'ର ଛୋଟ ଶିଖାଟି ଘନ ଅନ୍ଧକାର ଦୂର କରିବାରେ ସମର୍ଥ ହୋଇଥାଏ । ଅନ୍ଧକାର ରାତ୍ରିରେ ଛୋଟ ପ୍ରଦୀପଟିର ମହତ୍ତ୍ୱ ଅନୁଭୂତ ହୋଇଥାଏ । ବର୍ଷାରେ ଆକାଶରୁ ପଡୁଥିବା କ୍ଷୁଦ୍ର ଜଳବିନ୍ଦୁମାନ ଏକତ୍ର ହୋଇ ଏକ ଛୋଟ ଜଳଧାରା ହୋଇ ବହିଯାଏ । ଏକାଧିକ ଜଳଧାରା ଏକତ୍ର ହେଲେ ତାହା ବିରାଟ ଜଳସ୍ରୋତରେ ପରିଣତ ହୁଏ ଏବଂ ସ୍ରୋତସ୍ୱିନୀଭାବେ ଭୟଙ୍କର ରୂପ ଧାରଣ କରିଥାଏ ।

ବ୍ୟକ୍ତିର ମନ ଦୁଃଖରେ ଭାରାକ୍ରାନ୍ତ ହୋଇପଡ଼ିଥିଲାବେଳେ ଦୂରରୁ ଭାସିଆସୁଥିବା ସଙ୍ଗୀତର ମୂର୍ଚ୍ଛନାରେ ତା'ର ଦୁଃଖ ଲାଘବ ହୁଏ । ଉଦାସ ପ୍ରାଣରେ ଉଲ୍ଲାସ ଭରିଦେବାରେ ସଙ୍ଗୀତର ଲଳିତ ମଧୁର ସ୍ୱର ମହୌଷଧିର କାମ କରେ । ସ୍ୱର, ତାଳ, ଲୟଭରା ସଙ୍ଗୀତର ଝଙ୍କାର ଲକ୍ଷ ଲକ୍ଷ ଲୋକଙ୍କୁ ଆନନ୍ଦ ପ୍ରଦାନ କରିଥାଏ । ନୌକାଟିଏ ଆକାରରେ କ୍ଷୁଦ୍ର ହେଲେ ମଧ୍ୟ ପ୍ରବଳ ସ୍ରୋତସ୍ୱିନୀର ବିକ୍ଷୁବ୍ଧ ଜଳଧାରାକୁ ଅଚିରେ ଅତିକ୍ରମ କରିପାରେ । ବନ୍ୟା ସମୟରେ ଚତୁଃପାର୍ଶ୍ୱ ଜଳାର୍ଣ୍ଣବ ହୋଇପଡ଼ିଥିଲା ବେଳେ ନୌକାହିଁ ଏକମାତ୍ର ସହାୟ ଭାବେ ନିଜ ମହତ୍ତ୍ୱ ପ୍ରତିପାଦନ କରେ । କ୍ଷୁଦ୍ର ଚାରାଗଛଟିଏ କ୍ରମେ ବଡ଼ହୋଇ ଏକ ବିଶାଳ ଦ୍ରୁମରେ ପରଣିତ ହୁଏ । ଫୁଲ, ଫଳ, ଛାୟା ଆଦି ଦାନ କରିବା ସହ ଜୀବଜଗତର ଯେ ଅଶେଷ କଲ୍ୟାଣ ସାଧନ କରେ ତାହା ଅସ୍ୱୀକାର କରିହେବ ନାହିଁ ।

ଛୋଟ ଶିଶୁଟିଏ ବଡ଼ ହୋଇ ଦେଶ ଓ ଜାତିର ମାନ ବୃଦ୍ଧି କରିଥାଏ । ସାଧନା, ଅଧ୍ୟବସାୟ ବଳରେ ତା'ର ଅନ୍ତର୍ନିହିତ ଶକ୍ତି ବିକଶିତ ହୁଏ ଓ ସତ୍‌କର୍ମ ସାଧନଦ୍ୱାରା ସେ ମହାମାନବଭାବେ ପରିଗଣିତ ହୋଇପାରେ । ଏଣୁ ଶିଶୁମାନେ ନିଜକୁ କ୍ଷୁଦ୍ର ବୋଲି ମନେକରିବା ଉଚିତ ନୁହେଁ ।